# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 20 September – 2025

*********************************

## ମୁଖ୍ୟ ସମ୍ବାଦ

- ସପ୍ତଦଶ ବିଧାନସଭାର ମୌସୁମୀ ଅଧିବେଶନର ତୃତୀୟ ଦିନରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ
- ଭୁବନେଶ୍ୱର ସମେତ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ନିର୍ମାଣ ହେବ ସୁଭଦ୍ରା ଶକ୍ତି ବଜାର; କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା
- କଟକ-ଭୁବନେଶ୍ୱରରେ ଭିଡ଼ ନିୟନ୍ତ୍ରଣ ପାଇଁ ତ୍ରିଶୁଳିଆଠାରେ ନିର୍ମାଣ ହେବ ଆଉ ଏକ ବ୍ରିଜ୍

ଏବଂ

- ସମୁଦ୍ର ବେଳାଭୂମିକୁ ପ୍ରଦୂଷଣ ମୁକ୍ତ ରଖିବା ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି ପାଇଁ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ଉପକୂଳ ସଫେଇ ଦିବସ

BBSR/R

# ବିଧାନସଭା

ସପ୍ତଦଶ ବିଧାନସଭାର ଚତୁର୍ଥ ତଥା ମୌସୁମୀ ଅଧିବେଶନର ତୃତୀୟ ଦିନରେ ବିରୋଧୀ ବିଜେଡ଼ି ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ ରହିଛି । ପୂର୍ବାହ୍ନ ୧୦ଟାରେ ଗୃହ କାର୍ଯ୍ୟ ମାତ୍ର ୧୩ ମିନିଟ୍ ପାଇଁ ଚାଲିପାରିଥିଲା। ପ୍ରଥମେ ବାଚସ୍ପତି ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କୁ ବିଧାନସଭାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଗୃହର ନେତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱର୍ଗତଃ ତିର୍କୀଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ ପ୍ରମୁଖ ଶୋକ ପ୍ରସ୍ତାବକୁ ସମର୍ଥନ କରିବା ସହ ଗୃହର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଦିବଂଗତ ସଦସ୍ୟଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଗୃହ ମୁଲତବୀ ପରେ ବିଧାନସଭା ପରିସରରେ ସ୍ୱର୍ଗତଃ ତିର୍କୀଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟଦା ଦିଆଯାଇଥିଲା।

BBSR/R

## ସୁଭଦ୍ରା ହିତାଧିକାରୀ

ସୁଭଦ୍ରା ଯୋଜନାର ତୃତୀୟ କିସ୍ତିରୁ ୩ ଲକ୍ଷ ୯୯ ହଜାର ୩୫୨ ଜଣ ହିତାଧିକାରୀ ବାଦ ପଡ଼ିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଗୃହରେ ସୂଚନା ଦେଇଛନ୍ତି। ବିଧାୟକ ଗଣେଶ୍ୱର ବେହେରାଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀମତୀ ପରିଡ଼ା କହିଛନ୍ତି, ମୋଟ୍ ୧ କୋଟି ୯ ଲକ୍ଷ ୮୭ ହଜାର ୮୯୪ ଜଣ ହିତାଧିକାରୀ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରେ ପ୍ରଥମ କିସ୍ତିରେ ୧ କୋଟି ୨ ଲକ୍ଷ ୮୦ ହଜାର ୯୨ ଜଣ ହିତାଧିକାରୀ ଟଙ୍କା ପାଇଥିବାବେଳେ ଦ୍ୱିତୀୟ କିସ୍ତିରେ ୧ କୋଟି ୯୬ ହଜାର ୩୦୭ ଜଣ ସୁଭଦ୍ରା ଯୋଜନାର ଲାଭ ପାଇଛନ୍ତି। ସେହିପରି ତୃତୀୟ କିସ୍ତିରେ ୯୬ ଲକ୍ଷ ୯୬ ହଜାର ୯୫୫ ଜଣ ହିତାଧିକାରୀ ସୁଭଦ୍ରା ଟଙ୍କା ପାଇଛନ୍ତି।

ଭୁବନେଶ୍ୱର ସମେତ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ସୁଭଦ୍ରା ଶକ୍ତି ବଜାର ନିର୍ମାଣ କରାଯିବ ବୋଲି ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

BBSR/R

## ବିଧାନସଭା-୪

କଟକ-ଭୁବନେଶ୍ୱର ଟୁଇନ ସିଟିରେ ଭିଡ଼ ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ତ୍ରିଶୁଳିଆରେ ଆଉ ଏକ ବ୍ରିଜ୍ ପାଇଁ ନିଷ୍ପତ୍ତି ନେଇଛନ୍ତି।

ବିଧାନସଭାରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି, ୨୯୭ କୋଟି ୫୯ ଲକ୍ଷ ୯୧ ହଜାର ଟଙ୍କା ବ୍ୟୟବରାଦରେ ଦ୍ୱିତୀୟ ବ୍ରିଜ୍ ନିର୍ମାଣ କରାଯିବ। ୩୬ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଜାରି ରହିଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

BBSR/R

## ବିଧାନସଭା-୨

ରାଜ୍ୟରେ ନୂଆ ଲୋକସେବା ଭବନ ନିର୍ମାଣ କରାଯିବ ବୋଲି ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ବିଧାନସଭାରେ ତଥ୍ୟ ରଖିଛନ୍ତି। ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ମାଷ୍ଟର ପ୍ଲାନ ପାଇଁ ସେତୁ ଓ ନିର୍ମାଣ ନିଗମକୁ ଦାୟିତ୍ୱ ଦିଆଯାଇଛି। ଏହା ଅନୁମୋଦନ ହେବା ପରେ ଲୋକସେବା ଭବନ ପାଇଁ ବ୍ୟୟ ଅଟକଳ କରାଯିବ। ବର୍ତ୍ତମାନର ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ୬୮ ବର୍ଷ ପୁରୁଣା ଏବଂ ଏଠାରେ ପାର୍କିଂ ସମସ୍ୟା ଦେଖା ଦେଉଛି। ଏହାକୁ ଦୃଷ୍ଟିରେ ରଖି ସରକାର ନୂତନ ଭବନ ନିର୍ମାଣ ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

BBSR/R

## ବିଧାନସଭା-୫

ରାଜ୍ୟରେ ଉଭୟ ବିଦେଶୀ ଓ ଘରୋଇ ପର୍ଯ୍ୟଟକଙ୍କ ସଂଖ୍ୟା ଗତ ୨୦୨୨ ମସିହା ପରଠାରୁ ବୃଦ୍ଧି ପାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି। ୨୦୨୩ ମସିହାରେ ୪୫ ହଜାର ୧୭୩ ଜଣ ବିଦେଶୀ ପର୍ଯ୍ୟଟକ ଓଡ଼ିଶା ଆସିଥିଲେ। ୨୦୨୪ ମସିହାରେ ଏହି ସଂଖ୍ୟା ବୃଦ୍ଧି ପାଇ ୫୩ ହଜାର ୩୯୨ ହୋଇଥିଲା। ଅପରପକ୍ଷରେ ଏହି ସମୟସୀମା ମଧ୍ୟରେ ଘରୋଇ ପର୍ଯ୍ୟଟକଙ୍କ ସଂଖ୍ୟା ୬୫ ଲକ୍ଷ ୯୮ହଜାର ୯୮୨ ଥିଲା। ରାଜ୍ୟରେ ଏ ପର୍ଯ୍ୟନ୍ତ ୩୭୮ଟି ପର୍ଯ୍ୟଟନସ୍ଥଳୀ ଚିହ୍ନଟ କରାଯାଇଛି ବୋଲି ଶ୍ରୀମତୀ ପରିଡ଼ା ସୂଚନା ଦେଇଛନ୍ତି।

BBSR/R

## ବିଧାନସଭା-୩

ରାଜ୍ୟରେ ୯ ହଜାର ୮୮୭ ଜଣ ଶିଶୁ ପୁଷ୍ଟିହୀନତାର ଶିକାର ହୋଇଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ସୂଚନା ଦେଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୧ ହଜାର ୭୫ ଜଣ ଶିଶୁ ପୁଷ୍ଟିହୀନତାର ଶିକାର ହୋଇଛନ୍ତି।

Puri/Desk

## ଉପକୂଳ ସଫେଇ ଦିବସ

ସମୁଦ୍ର ବେଳାଭୂମିରେ ବଢୁଥିବା ପ୍ରଦୂଷଣ ବିଷୟରେ ଲୋକମାନଙ୍କୁ ସଚେତନ କରିବା ନେଇ ଆଜି ଆନ୍ତର୍ଜାତୀୟ ଉପକୂଳ ସଫେଇ ଦିବସ ପାଳନ କରାଯାଉଛି। ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁଁ ମହାସାଗର ପାଇଁ ଏକ

ବଡ଼ ସମସ୍ୟା ଦେଖା ଦେଇଛି। ସମସ୍ୟା ବିଷୟରେ ସଚେତନ ସୃଷ୍ଟି କରିବା ଏବଂ ପ୍ରକୃତିରେ ସ୍ୱଚ୍ଛତା ଏବଂ ପବିତ୍ରତା ଆଣିବା ଆଜି ଏହି ଦିବସ ପାଳନର ଲକ୍ଷ୍ୟ। ପୃଥିବୀ ଗୃହରେ ୭୦ ପ୍ରତିଶତରୁ ଅଧିକ ମହାସଗର। ଓଡ଼ିଶାରେ ୫୭୪ରୁ ଊର୍ଦ୍ଧ୍ୱ କିଲୋମିଟର ଦୈର୍ଘ୍ୟର ଉପକୂଳ ଅଞ୍ଚଳ ରହିଛି। ପ୍ଲାଷ୍ଟିକ ଆର୍ବଜନା ସମୁଦ୍ର ପାଣିରେ ବିଭାଜିତ ହୋଇ ଦୀର୍ଘ ସମୟ ଧରି ଭାସମାନ ଅବସରରେ ରହିଥାଏ। ଏହାର ସୂକ୍ଷ୍ମ ପ୍ଲାଷ୍ଟିକ କଣିକାଗୁଡ଼ିକ ଆମର ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରେ, ଯାହା ମନୁଷ୍ୟ ଏବଂ ଜୀବଜଗତ ପାଇଁ ବିନାଶର କାରଣ ହୋଇଥାଏ।

ପୁରୀ ବେଳାଭୂମିଠାରେ ଆଜି ଅନ୍ତର୍ଜାତୀୟ ସମୁଦ୍ରକୂଳ ସଫେଇ ଦିବସ ଅବସରରେ ସାମୂହିକ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ କାର୍ଯ୍ୟକ୍ରମରେ ଯୋଗଦେଇ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା କରାଇଛନ୍ତି।

Desk

# ସେବା ପର୍ବ – ସ୍ୱାସ୍ଥ୍ୟବୀମା

## Seba Parba Opening

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି ।

ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ଆଜି ଜାଣିବା ଦେଶର ପ୍ରତ୍ୟେକ ପରିବାରକୁ ସ୍ୱାସ୍ଥ୍ୟବୀମା ସୁନିଶ୍ଚିତ କରିବା ଦିଗରେ କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟା ସମ୍ପର୍କରେ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଦେଶର ପ୍ରତ୍ୟେକ ନାଗରିକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ଲକ୍ଷ୍ୟରେ ସ୍ୱାସ୍ଥ୍ୟବୀମା ସେବା ପ୍ରଦାନ କରିଆସୁଛନ୍ତି। ଅସୁରକ୍ଷିତ ଲୋକଙ୍କୁ ସୁରକ୍ଷିତ ରଖିବାର ଦୃଷ୍ଟିକୋଣ ସହିତ ପ୍ରଧାନମନ୍ତ୍ରୀ ୨୦୧୫ ମସିହା ମେ' ମାସରେ ସମସ୍ତଙ୍କୁ ସୁଲଭ ବୀମା ପ୍ରଦାନ କରିବା ପାଇଁ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ଯୋଜନା ଆରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା' ଦୁର୍ଘଟଣା ଜନିତ ମୃତ୍ୟୁ ଏବଂ ଅକ୍ଷମତା ପାଇଁ ସର୍ବନିମ୍ନ ସହାୟତା ରାଶି ୨ ଲକ୍ଷ ଟଙ୍କା ପ୍ରଦାନ କରୁଛି। ସେହିପରି ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ଯେକୌଣସି କାରଣରୁ ମୃତ୍ୟୁ ପାଇଁ ସର୍ବନିମ୍ନ ବୀମା ସହାୟତା ରାଶି ପ୍ରଦାନ କରାଯାଉଛି। ଯୋଜନାଗୁଡ଼ିକର ଶୁଭାରମ୍ଭ ସମାରୋହକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା ସମାଜର ଦୁର୍ବଳ ଓ ମଧ୍ୟବିତ୍ତ ବର୍ଗଙ୍କୁ ସୁରକ୍ଷା ପ୍ରଦାନରେ ସାହାଯ୍ୟ କରିବ।

**- V/O -**

ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ହେଉଛି, ବିଶ୍ୱର ସର୍ବବୃହତ୍ତ ସ୍ୱାସ୍ଥ୍ୟବୀମା ଯୋଜନା। ଏଥିପାଇଁ ସରକାର ସମ୍ପୂର୍ଣ୍ଣ ପାଣ୍ଠି ଯୋଗାଇ ଆସୁଛନ୍ତି। ଏହା ଦେଶର ସମସ୍ତ ସରକାରୀ ଏବଂ ବେସରକାରୀ ତାଲିକାଭୁକ୍ତ ହସ୍ପିଟାଲଗୁଡ଼ିକରେ ଦ୍ୱିତୀୟ ଏବଂ ତୃତୀୟସ୍ତରର ଚିକିତ୍ସା ସୁବିଧା ପ୍ରଦାନ କରିବା ପାଇଁ ପ୍ରତ୍ୟେକ ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କାର ବୀମା ସହାୟତା ରାଶି ପ୍ରଦାନ କରୁଛି।

ଦେଶର ଗରିବ ଏବଂ ନିମ୍ନମଧ୍ୟବିତ୍ତ ଲୋକଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାର ନିରନ୍ତର ଉଦ୍ୟମ କରିଆସୁଛନ୍ତି। ସମସ୍ତଙ୍କୁ ସୁଲଭ ବୀମା ପ୍ରଦାନ କରି ଏକ ସୁରକ୍ଷିତ ଏବଂ ସମୃଦ୍ଧ ଭବିଷ୍ୟତ ସୁନିଶ୍ଚିତ କରିଛନ୍ତି।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

**Seba Parba Closing**

Nayagarh

# ଏକ ପେଡ଼ ମା’ କେ ନାମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ ତମ ଜନ୍ମଦିବସ ଉପଲକ୍ଷେ ନୟାଗଡ଼ ଜିଲ୍ଲାର କଣ୍ଟିଲୋଠାରେ ଆୟୋଜିତ ‘ଏକ ପେଡ଼ ମା’ କେ ନାମ’ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗ ଦେଇଥିଲେ। ସ୍ଥାନୀୟ ନୀଳମାଧବ ମନ୍ଦିରରେ

ଚାରାରୋପଣ କରିବା ସହ ମନ୍ଦିର ପରିସରରେ ଆୟୋଜିତ ସଫେଇ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

Desk

# ଜିଏସ୍‌ଟି

ଜିଏସଟି ପରିଷଦ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଆଧାରିତ ଜିଏସଟି ସଂସ୍କାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାରରେ ଘରୋଇ ବୈଦ୍ୟୁତିକ ସାମଗ୍ରୀ ଉପରେ ଦର ହ୍ରାସ କରାଯାଇଛି। ବୈଦ୍ୟୁତିକ ଆକ୍ୟୁମଲେଟର ଉପରେ ଟିକସ ହାର ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି। ଡିଜିଟାଲ ଡିଭାଇସ୍ ଏବଂ ଛୋଟ ଉପକରଣ ପାଇଁ ବ୍ୟାକଅପ୍ ପାୱାର ଉପଲବ୍ଧତାକୁ ବୃଦ୍ଧି କରାଯାଇଛି। ଟୁ-ୱେ ରେଡିଓ ଉପରେ ଟିକସ ହାରକୁ ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ଯାହା ପୁଲିସ କର୍ମୀ, ଅର୍ଦ୍ଧସାମରିକ ୟୁନିଟ୍ ଏବଂ ପ୍ରତିରକ୍ଷା ପ୍ରତିଷ୍ଠାନ ପାଇଁ କ୍ରୟ ଖର୍ଚ୍ଚ ହ୍ରାସ କରିଛି।

ପରିବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଆସନ୍ତା ୨୨ ତାରିଖରୁ କାର୍ଯ୍ୟକାରୀ ହେବ ।

PIB

# ଆଇ.ଏମ୍.ପି.ସି. ବୈଠକ

ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ପରିସରରେ ଆନ୍ତଃ ଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି–ଆଇ.ଏମ୍.ପି.ସି. ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପତ୍ର ସୂଚନା କାର୍ଯ୍ୟାଳୟ–ପିଆଇବି ଏବଂ କେନ୍ଦ୍ରୀୟ ସଂଚାର ବ୍ୟୁରୋ– ସି.ବି.ସି.ର ଓଡ଼ିଶା କ୍ଷେତ୍ର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଅଧ୍ୟକ୍ଷତା କରି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଆଇ.ଏମ୍.ପି.ସି.ସି. ଓଡ଼ିଶାରେ କାର୍ଯ୍ୟରତ କେନ୍ଦ୍ର ସରକାରଙ୍କୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ବିଭାଗ ତଥା ବିଭିନ୍ନ ସଂସ୍ଥାନ ଓ କାର୍ଯ୍ୟାଳୟଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିଥାଏ।

BBSR/R

## ଚଲୋ ଜିତେଁ ହେଁ

ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ‘ଚଲୋ ଜିତେଁ ହେଁ’ ପୁନର୍ବାର ମୁକ୍ତିଲାଭ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶୈଶବ ଆଧାରିତ ଏହି ଚଳଚ୍ଚିତ୍ରରେ ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ପ୍ରଦର୍ଶିତ କରାଯାଇଛି। ‘ବସ୍ ୱହି ଜିତ୍ ହୈ ଜୋ ଦୁସ୍‌ରୋଁ କେ ଲିୟେ ଜିତେଁ ହେଁ।’ ଅର୍ଥାତ୍ ସେମାନେ ପ୍ରକୃତରେ ସଫଳ ଯେଉଁମାନେ ଅନ୍ୟମାନଙ୍କ ପାଇଁ ବଞ୍ଚିଥାନ୍ତି। ଚଳଚ୍ଚିତ୍ରଟିକୁ ରାଜ୍ୟର କଟକ, ଭୁବନେଶ୍ୱର ଓ ରାଉରକେଲାର ବିଭିନ୍ନ ସିନେମା ହଲ୍‌ରେ ପ୍ରଦର୍ଶିତ କରାଯାଉଛି। ନିସ୍ୱାର୍ଥପରତା, ସହାନୁଭୂତି ଏବଂ ରାଷ୍ଟ୍ର ପ୍ରତି କର୍ତ୍ତବ୍ୟକୁ ଏହି ଚଳଚ୍ଚିତ୍ର ମାଧ୍ୟମରେ ଆଗାମୀ ପିଢ଼ିଙ୍କ

ମଧ୍ୟରେ ସୁଦୃଢ଼ କରିହେବ ବୋଲି ବିଶ୍ୱାସ କରାଯାଉଛି । ଚଳଚ୍ଚିତ୍ର ଦେଖିବା ପରେ ଜଣେ ଦର୍ଶକ ପ୍ରତିକ୍ରିୟାରେ ଆକାଶବାଣୀକୁ କହନ୍ତି...

**- V/O –**

Sambalpur

## ସମଲେଶ୍ୱରୀ ଧବଳମୁଖୀ ବେଶ

ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ଆସନ୍ତାକାଲି ପବିତ୍ର ମହାଳୟା ତିଥିରେ ଧବଳମୁଖୀ ବେଶରେ  ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ । ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଶେଷ ହୋଇଛି । ଭୋର୍ ୫ଟାରୁ ପୂର୍ବାହ୍ନ ୧୧ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଦର୍ଶନ ଆରମ୍ଭ ହେବ ବୋଲି ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି  ସଞ୍ଜୟ ବାବୁ କହିଛନ୍ତି ।

BHK

## ବୟନ ଶିଳ୍ପ ତାଲିମ ଶିବିର

ରାଜ୍ୟ ସରକାରଙ୍କ ହସ୍ତତନ୍ତ ଶିଳ୍ପ ବିକାଶ ଯୋଜନାରେ ବୁଣାକାରଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରାଥମିକ ବୟନ ଶିଳ୍ପ ତାଲିମ ଶିବିର ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଗୋପୀନାଥପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ଅଧ୍ୟକ୍ଷ, ବୟନଶିଳ୍ପ ନିର୍ଦ୍ଦେଶକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରମୁଖ ଯୋଗଦେଇ ବୁଣାକାରମାନଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ବୈଠକରେ ଆଲୋକପାତ କରାଯାଇଥିଲା । ଏଥିସହ

ସେମାନଙ୍କର ଅର୍ଥନୈତିକ ବିକାଶ ଓ ଆତ୍ମନିର୍ଭରଶୀଳ ହେବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

Ganjam

## ଜିଲ୍ଲା ପ୍ରକଳ୍ପ ବୈଠକ

ଗଞ୍ଜାମ ଜିଲ୍ଲା ଦ୍ୱିତୀୟ ତ୍ରୈମାସିକ ଜିଲ୍ଲା ପ୍ରକଳ୍ପ ପରିଚାଳନା କମିଟି ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କୃଷି ଉତ୍ପାଦନରେ ଉନ୍ନତି, ଖାଦ୍ୟ ପ୍ରଣାଳୀ, ଜୈବ ବିବିଧତାରା ସଂରକ୍ଷଣ କରିବା ଆଦି ବିଭିନ୍ନ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା । ଜିଲ୍ଲାର ବିଭିନ୍ନ କୃଷି ସମ୍ପର୍କିତ ପ୍ରକଳ୍ପ ପାଇଁ ୩୦ କୋଟି ୭୪ ଲକ୍ଷ ଟଙ୍କା ବିନିଯୋଗ କରାଯାଉଛି ବୋଲି ବୈଠକରେ ମତପ୍ରକାଶ ପାଇଛି ।

Ganjam

## ଅର୍ଥ ପରାମର୍ଶଦାତା କମିଟି

ଗଞ୍ଜାମ ଜିଲ୍ଲାର ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ବ୍ୟାଙ୍କ ସମୂହ ପକ୍ଷରୁ ଅର୍ଥ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ହିତାଧିକାରୀମାନଙ୍କୁ ଠିକ୍ ସମୟରେ ଋଣ ପ୍ରଦାନ ପାଇଁ ପରାମର୍ଶ ଦିଆଯାଇଛି ।